# ପିଲାଙ୍କ ଧରିତ୍ରୀ

ଶନିବାର, ୨୧ ଜାନୁୟାରୀ, ୨୦୨୩



ଗପ

# ସ୍ୱାଭିମାନୀ ବୀର ସୁରେନ୍ଦ୍ର ସାଏ

ଇଂରେଜମାନଙ୍କ କବଳରୁ ଦେଶକୁ ସ୍ୱାଧୀନ କରିବା ପାଇଁ ଯେଉଁ କେତେଜଣ ସଂଗ୍ରାମୀ ବୀର ଆନ୍ଦୋଳନ କରି ନିଜ ଜୀବନକୁ ଉତ୍ସର୍ଗ କରି ଯାଇଛନ୍ତି ସେମାନଙ୍କ ମଧ୍ୟରେ ଅନ୍ୟତମ ଓଡ଼ିଆ ମାଟିର ବିପ୍ଳବୀ ବୀର ସୁରେନ୍ଦ୍ର ସାଏ।

୧୮୦୯ ଜାନୁୟାରୀ ୨୩ ତାରିଖରେ ସମ୍ବଲପୁରର ରାଜବଂଶରେ ଜନ୍ମଗ୍ରହଣ କରିଥିଲେ ବୀର ସୁରେନ୍ଦ୍ର। ତାଙ୍କ ପିତା ଧରମସିଂହ ଓ ମାତାଙ୍କ ନାମ ରେବତୀ ଦେବୀ। ଛଅ ଭାଇ ଗୋଟିଏ ଭଉଣୀଙ୍କ ମଧ୍ୟରୁ ସୁରେନ୍ଦ୍ର ସାଏ ଥିଲେ ସବୁଠାରୁ ବଡ଼। ପିଲାବେଳୁ ଶାରୀରିକ କୌଶଳ ଶିକ୍ଷାକୁ ସେ ଅଧିକ ଭଲ ପାଉଥିଲେ। ତେଣୁ ଶରୀର ଚର୍ଚ୍ଚା, ଘୋଡ଼ାଦୌଡ଼, ଶରସନ୍ଧାନ ଓ ତରବାରି ଚାଳନା ଆଦି ବିଦ୍ୟାରେ ସେ ଖୁବ୍ ଧୁରନ୍ଧର ଥିଲେ। ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଦଖଲ କରିଥିଲେ ମଧ୍ୟ ୧୮୧୯ ମସିହାରେ ସମ୍ବଲପୁରକୁ ନିଜ ଶାସନକୁ ଆଣିଥିଲେ। ଏହି ସମୟରେ ସମ୍ବଲପୁର ରାଜବଂଶର ସିଂହାସନ ଅଧିକାରକୁ ନେଇ କଳିଗୋଳ ଚାଲିଥିବା ସମୟରେ ବ୍ରିଟିଶମାନେ ନାରାୟଣ ସିଂଙ୍କୁ ରାଜଗାଦିରେ ବସାଇଲେ। ଆଦିବାସୀମାନଙ୍କୁ ନାରାୟଣ ସିଂ ସବୁବେଳେ ଖରାପ ଦୃଷ୍ଟିରେ ଦେଖୁଥିଲେ। ଆଦିବାସୀଙ୍କ ଉନ୍ନତି ପାଇଁ ସୁରେନ୍ଦ୍ର ସାଏ ପ୍ରତିବାଦ କଲେ। ନାରାୟଣ ସିଂ ଏବଂ ଇଂରେଜମାନେ ତାଙ୍କୁ ଦେଶଦ୍ରୋହୀ କହି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରି ହଜାରିବାଗ ଜେଲ୍‌ରେ ରଖିଥିଲେ।



୧୮୫୭ ମସିହାରେ ସିପାହି ବିଦ୍ରୋହ ଆରମ୍ଭ ହୋଇଥିଲା। ଏହା ଥିଲା ଭାରତର ପ୍ରଥମ ମୁକ୍ତି ସଂଗ୍ରାମ। ସିପାହିମାନେ ବିଦ୍ରୋହ କରି ହଜାରିବାଗ ଜେଲକୁ ଭାଙ୍ଗିଦେଲେ। ଏହି ସୁଯୋଗରେ ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ଆଖିରେ ଧୂଳି ଦେଇ ଖସି ଜେଲ୍‌ରୁ ଚାଲି ଆସିଲେ। ବଣ ଜଙ୍ଗଲରେ ଲୁଚି, ବୁଲିବୁଲି ଗୌନ୍ତିଆ ଜମିଦାର ଏବଂ ପ୍ରଜାମାନଙ୍କ ସାହାଯ୍ୟରେ ସମ୍ବଲପୁରରେ ପହଞ୍ଚି ସ୍ୱାଧୀନତା ସଂଗ୍ରାମରେ ଯୋଗଦେଲେ।

ସୁରେନ୍ଦ୍ର ସାଏଙ୍କ ବୀରତ୍ୱ, ଦେଶଭକ୍ତି ଓ ପ୍ରଜା ସମର୍ଥନ ଦେଖି ଇଂରେଜ ସରକାର ଭୟଭୀତ ହୋଇଗଲେ। ତେଣୁ ସେମାନେ କୌଶଳରେ ତାଙ୍କୁ ବନ୍ଦୀକରି ଅସୁରଗଡ଼ ଦୁର୍ଗକୁ ପଠାଇଦେଲେ। ସେଠାରେ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରି ରଖାଗଲା। କାରାଗାରର ଅନ୍ଧାର କୋଠରି ଭିତରେ ରହି ମଧ୍ୟ ତାଙ୍କର 'ମା' ମାଟି ଜନ୍ମଭୂମି କିପରି ଇଂରେଜ ସରକାରଙ୍କଠାରୁ ମୁକ୍ତି ପାଇପାରିବ, ସେଥିପାଇଁ ସବୁବେଳେ ଆଖିରୁ ଲୁହ ଗଡ଼ାଇ ଛଟପଟ ହେଉଥିଲେ। ଆଜୀବନ କାରାଦଣ୍ଡରେ ରହି ଶେଷବେଳକୁ ସେ ଅନ୍ଧ ହୋଇଯାଇଥିଲେ। ଦୁର୍ଦ୍ଦାନ୍ତ ଇଂରେଜ ସରକାର ତାଙ୍କୁ ମୁକ୍ତିଦେବାକୁ ଇଚ୍ଛା କଲେ। ମାତ୍ର ସ୍ୱାଭିମାନୀ ସୁରେନ୍ଦ୍ର ସାଏ କହିଥିଲେ, ମୋର ଏ ବିଶାଳ ଦେଶ ଭାରତବର୍ଷ ଓ ମୋ 'ମା' ମାଟି ସମ୍ବଲପୁର ଯଦି ପରାଧୀନ, ମୁଁ ମୁକ୍ତିପାଇ ଲାଭ କ'ଣ?

ହେ 'ମା' ସମଲେଇ କହି ୯୦ ବର୍ଷ ବୟସରେ କାରାଗାରରେ ସେ ଆଖି ବୁଜିଥିଲେ। ନିଜର ସମସ୍ତ ସୁଖ, ଶାନ୍ତି ଭୋଗ ବିଳାସକୁ ପଛରେ ପକାଇ ପରାଧୀନ ଦେଶ ତଥା ଜନ୍ମଭୂମିକୁ ମୁକ୍ତ କରିବା ପାଇଁ ଜୀବନକୁ ବଳିଦାନ ଦେଇଥିଲେ ସ୍ୱାଭିମାନୀ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ। ତାଙ୍କର ତ୍ୟାଗ, ନିଷ୍ଠା ଦେଶପ୍ରେମ ପାଇଁ ସମସ୍ତଙ୍କ ପାଖରେ ସେ ଆଜି ଚିର ଅମର ହୋଇ ରହିଛନ୍ତି।

**– କବିତା ମିଶ୍ର**
ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ: ୯୯୩୭୦୩୩୭୫୦



# ଖିଲି ଖିଲି ହସ

ବିଜୁ ବାପାଙ୍କ ସାଙ୍ଗରେ ବଜାର ବୁଲିବାକୁ ଯାଇଥିଲା। ସେଠାରେ ସେ ବାଜା ଦେଖି କହିଲା–ବାପା ! ମୁଁ ବାଜା କିଣିବି।
ବାପା: ନା, ତୁ ଏହାକୁ ନେଲେ ସମସ୍ତଙ୍କୁ ହଇରାଣ କରିବୁ।
ବିଜୁ: ନା ବାପା, ସମସ୍ତେ ଶୋଇଗଲା ପରେ ମୁଁ ବାଜା ବଜାଇବି।

ପିଙ୍କୁ ଗୋଟେ ଦୋକାନକୁ ଗଲା। ଭାଇନା ଗୋରା ହେବା ପାଇଁ କ'ଣ କ୍ରିମ୍ ଅଛି ?
**ଦୋକାନୀ:** ହଁ ଅଛି।
**ପିଙ୍କୁ:** ତେବେ ଭାଇନା ତୁମେ ଲଗାଉନ କାହିଁକି, ମୁଁ ତୁମକୁ ଦେଖି ସବୁବେଳେ ଡରିଯାଉଛି।

ପୋଲିସ ଓ ଚୋର ମଧ୍ୟରେ କଥାବାର୍ତ୍ତା।
**ପୋଲିସ:** ତୁ ତିନିଦିନ ହେଲା ଗୋଟିଏ ଡ୍ରେସ୍ ଦୋକାନରେ କ'ଣ ଚୋରି କରୁଛୁ ?
**ଚୋର:** ସାର୍, ମୁଁ ତ ଦୋକାନରୁ ଗୋଟିଏ ପ୍ୟାଣ୍ଟ ଚୋରି କରିଛି।
**ପୋଲିସ:** ଆଉ ଦୁଇଦିନ କ'ଣ କରୁଥିଲୁ ?
**ଚୋର:** ସାର୍, ମୁଁ ଆଉ ଦୁଇଦିନ ମୋ' ପସନ୍ଦର କଲର ପ୍ୟାଣ୍ଟ ଖୋଜିବା ପାଇଁ ଯାଇଥିଲି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ମତାମତ

✪ 'ପିଲାଙ୍କ ଧରିତ୍ରୀ' ପ୍ରଚ୍ଛଦଟି ଖୁବ୍ ସୁନ୍ଦର ହୋଇଛି। ପ୍ରଚ୍ଛଦ ପ୍ରସଙ୍ଗ 'ପିଲାଙ୍କ ସ୍ୱାସ୍ଥ୍ୟୋପକାରୀ ଖାଦ୍ୟ'ରୁ କେଉଁ ସୁଷମ ଖାଦ୍ୟ ପିଲାଙ୍କ ପାଇଁ ହିତକର ତାହା ଜାଣିବାକୁ ପାଇଲି।
**–ବୈଭବ ବେହେରା,** ଶୈଳଶ୍ରୀ ବିହାର, ଭୁବନେଶ୍ୱର

✪ 'ଗୁଡ଼ି ଉଡା ପର୍ବ' ବିଷୟଟି ପଢ଼ି ଗୁଡ଼ିର ଇତିହାସ ସମ୍ପର୍କିତ କେତେକ ନୂଆ କଥା ଜାଣିବାକୁ ପାଇଲି।
**– ପରିଣିତା ମହାପାତ୍ର,** ପ୍ରିତିପୁର, ଯାଜପୁର

✪ ଟଗର ଫୁଲ ଭାରି ସୁନ୍ଦର ମିଳେ ବରଷ ସାରା,
ପିଲାଙ୍କ ଧରିତ୍ରୀ ଅତି ସୁନ୍ଦର ହୋଇଛି ଏଥର ପରା।
**– ଜଗଦୀଶ ସାହୁ,** ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ

# ରଙ୍ଗ ଦିଅ



# ନେତାଜୀଙ୍କ ପିଲାଦିନ

ସେଦିନ କଟକ ସହରର ଓଡ଼ିଆବଜାରରେ ରହୁଥିଲେ ଏକ ବଙ୍ଗାଳୀ ପରିବାର। ଆଠ ନ' ବର୍ଷର ପୁଅଟିଏ ଥିଲା ତାଙ୍କର। ନାଁ ତାଙ୍କର ସୁଭାଷ। ଦେଖିବାକୁ ଡଉଲଡ଼ାଉଲ। ଗରିବ ପିଲାଙ୍କ ପାଇଁ ତାଙ୍କର ଭାରି ଦରଦ। ଅନ୍ୟ କେହି ଅସୁବିଧାରେ ରହୁ, ଏକଥା ସେ ସହିପାରୁ ନ ଥିଲେ। ଏଣୁ ସାଥୀ ପିଲାଙ୍କର କାହାର ବହି, ଖାତା, କଲମ ଦରକାର ଥିଲେ, ତାହା ସେ ନିଜେ ଦେଇ ଦେଉଥିଲେ।

ସୁଭାଷ ଲକ୍ଷ୍ୟକଲେ, ତାଙ୍କ ଶ୍ରେଣୀର ଗୋଟିଏ ପିଲା ଖାଇବା ଛୁଟିରେ ଜଳଖିଆ ଖାଇବାକୁ ନ ଯାଇ ଏକା ଏକା ବସି ରହୁଛି। ତାକୁ ପଚାରିବାରୁ ପିଲାଟି କହିଲା ତାଙ୍କ ଘରେ କିଛି ଖାଇବାକୁ ନାହିଁ। ସ୍କୁଲରୁ ଯିବା ପରେ ତା' ମା ଯାହା ରଖିଥିବେ ସେ ଖାଇବ। ଏହି କଥା ଶୁଣି ସୁଭାଷଙ୍କ ମନ ବହୁତ ଦୁଃଖ ହେଲା।

ଦିନେ ସୁଭାଷଙ୍କ ମା' ବାରଣ୍ଡାରେ ବସିଥାନ୍ତି। ଚାକର ବାରଣ୍ଡା ଓଳାଉଥାଏ। ନାଳି ନାଳି ପିମ୍ପୁଡ଼ି ଚାରିଆଡ଼େ ଜମିଥାନ୍ତି। ଆରେ ପିମ୍ପୁଡ଼ି କେଉଁଠି ଲାଗିଛନ୍ତି ବୋଲି ମା' ପଚାରିଲେ। ଚାକର ଜଣକ ପିମ୍ପୁଡ଼ି ଧାଡ଼ି ଦେଖି ଦେଖି ଗଲା ବେଳକୁ ଜାଣିଲେ ସୁଭାଷଙ୍କ ବସ୍ତାନି ଥିବା ବ୍ୟାଗରେ ହିଁ ପିମ୍ପୁଡ଼ି ଲାଗିଛନ୍ତି। ମା' ଓ ଚାକର ଆଶ୍ଚର୍ଯ୍ୟ ହେଲେ ଯେ, ସେହି ବସ୍ତାନି ଭିତରୁ ଦୁଇପଟ ପରଟା ବାହାରିଲା !

ମା' ସୁଭାଷଙ୍କୁ ଡାକି ପଚାରିଲେ, ବସ୍ତାନିରେ ପରଟା କିଏ ରଖିଥିଲା ? ସୁଭାଷ ଧରା ପଡ଼ିଗଲେ। ପାଟି ଖନି ମାରିଗଲା। ଦୁଃଖରେ କାନ୍ଦି ପକେଇ କହିଲେ, ମୁଁ ରଖିଥିଲି। ମା' କହିଲେ, କାହିଁକି ? ସକାଳେ ତୋତେ ଦିଟା ପରଟା ଦିଆଯାଇଥିଲା, ଦୁଇଟିଯାକ ଏଥିରେ ରଖିଛୁ, ଖାଇଛୁ କ'ଣ ? ସୁଭାଷ ଅତି ଦୁଃଖରେ କହିଲେ, ଆମ ଶ୍ରେଣୀର ଜଣେ ପିଲା କିଛି ନ ଖାଇ ସ୍କୁଲକୁ ଆସୁଛି। ସେ ଭାରି ଗରିବ। ତାଙ୍କ ଘରେ ଖାଇବାକୁ ନାହିଁ। ମୁଁ ତ ସକାଳେ ଖାଇ, ପୁଣି ସ୍କୁଲ ଗଲାବେଳେ ଖାଏ। ଏଣୁ ସକାଳ ରୁଟି ବା ପରଟା ତା' ପାଇଁ ରଖିଦିଏ। ତାକୁ ସ୍କୁଲରେ ଦିଏ, ସେ ଖୁସିରେ ଖାଏ।

ମା'ଙ୍କ ଆଖି ଆନନ୍ଦରେ ଛଳଛଳ ହୋଇଗଲା। ମା' ତାକୁ କୁଣ୍ଢାଇ ପକାଇଲେ, କହିଲେ ତୁ ଡରନା, ତୁ ତୋ ପରଟା ଖାଇବୁ, ମୁଁ ତୋ ସାଙ୍ଗ ପାଇଁ ସବୁଦିନ ଖାଇବା ପଠେଇବି। ସେହି ସୁଭାଷ ହେଉଛନ୍ତି ଆମର ପ୍ରିୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ଯିଏକି ଅନ୍ୟମାନଙ୍କର ଦୁଃଖ ସହ୍ୟ କରିପାରୁ ନ ଥିଲେ, ଆଉ ଭାରତର ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ସକ୍ରିୟ ଭୂମିକା ନେଇଥିଲେ।



**–ଶିବପ୍ରସାଦ ରାଉତ,**
ବଚ୍ଛଦା,
ବାସୁଦେବପୁର, ଭଦ୍ରକ
ମୋ: ୮୧୪୪୨୨୮୧୧୫

ଗୋଟିଏ ଦିନରେ ପଡୁଛି ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜା ଏବଂ ସାଧାରଣତନ୍ତ୍ର ଦିବସ। ପିଲାମାନେ ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀଙ୍କୁ ଆବାହନ କରିବା ସହ ଗଣତନ୍ତ୍ର ଦିବସ ପାଳନ କରିବେ। ତେବେ ଦୁଇଟି ଦିବସକୁ ପିଲାମାନେ କିଭଳି ଉତ୍ସାହର ସହ ପାଳନ କରିବାକୁ ଯୋଜନା କରିଛନ୍ତି ସେ ସମ୍ପର୍କରେ...





# ଡବଲ୍ ମଜା





## ବକ୍ତୃତା ଦେବା ଲାଗି ପ୍ରସ୍ତୁତ ହେବି



ମାଘ ମାସ ପଞ୍ଚମୀ ତିଥିରେ ସରସ୍ୱତୀ ପୂଜା ପାଳନ କରାଯାଏ। ଏବର୍ଷ ମା'ଙ୍କୁ ଆବାହନ କରିବା ସହ ସ୍କୁଲରେ ସାଧାରଣତନ୍ତ୍ର ଦିବସ ମଧ୍ୟ ପାଳନ କରିବୁ। ଦୁଇଟି କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପାଳନ କରିବା ପାଇଁ ସାଙ୍ଗମାନେ ମିଶି ଦାୟିତ୍ୱ ନେଇଛୁ। ସାଧାରଣତନ୍ତ୍ର ଦିବସ ପାଇଁ ସବୁ ବନ୍ଦୋବସ୍ତ କରିବା ସହ ମା'ଙ୍କ ମୂର୍ତ୍ତି ଆଣିବା ଏବଂ ସ୍କୁଲ ପରିସରକୁ ସାଜସଜ୍ଜା ମଧ୍ୟ କରିବୁ। ସେଦିନ ଜାତୀୟ ପତାକା ଉତ୍ତୋଳନ ସହ ଜାତୀୟ ସଙ୍ଗୀତ ଗାନ କରିବୁ। ପତାକା ଉତ୍ତୋଳନ ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହେବ। ସେଦିନ ବକ୍ତୃତା ଦେବା ଲାଗି ନିଜକୁ ପ୍ରସ୍ତୁତ କରୁଛି।

–**ଅଙ୍କିତା ସାହୁ,** କ୍ଲାସ୍–୭, ମନ୍ଦରୀ ୟୁପି ସ୍କୁଲ, ଭୋଗରାଇ, ବାଲେଶ୍ୱର

## ସାଜସଜ୍ଜା ଆଗୁଆ କରିବୁ



ପୂଜା ପାଖେଇ ଆସିଲେ ସ୍କୁଲର ପରିବେଶ ବଦଳିଯାଏ। ୨ଦିନ ପୂର୍ବରୁ ସ୍କୁଲ୍ ପରିସର ଏବଂ ଶ୍ରେଣୀଗୃହ ଭଲ ଭାବେ ସଫାହୁଏ। ଏଥର ୨ଟି କାର୍ଯ୍ୟକ୍ରମ ଗୋଟିଏ ଦିନରେ ପଡୁଥିବାରୁ ସେଥିଲାଗି ଆଗୁଆ ଡେକୋରେଶନ କାମ ଆରମ୍ଭ କରିବୁ। ସାଧାରଣତନ୍ତ୍ର ଦିବସ ପାଇଁ କେଉଁ କେଉଁ କାର୍ଯ୍ୟକ୍ରମ ହେବ ବୁଝିବା ସହ ପୂଜାର ଦାୟିତ୍ୱ ମଧ୍ୟ ନେବୁ। ବୀଣାପାଣି ମା' ସରସ୍ୱତୀଙ୍କୁ ପୂଜା କରିବା ଦ୍ୱାରା ଭଲ ପାଠ ହୁଏ। ଏଥର ପୂଜାରେ ବିଦ୍ୟାଦାତ୍ରୀଙ୍କୁ ଭକ୍ତିପୂତ ଆରାଧନା କରିବି। ଏବର୍ଷ ଦୁଇଟି ପର୍ବକୁ ସ୍କୁଲରେ ବହୁ ଧୁମଧାମରେ ପାଳନ କରିବୁ।

–**ସାଇଶ୍ୱରୀ ଦାସ,** କ୍ଲାସ୍–୫, ଅମୃତିଆ ପ୍ରାଥମିକ ବିଦ୍ୟାଳୟ, ଅମୃତିଆ, ଯାଜପୁର

## ଭୋଜିରେ ମଜା କରିବି



ଏଥର ବାଗ୍‌ଦେବୀଙ୍କ ପୂଜା କରିବା ସହ ଗଣତନ୍ତ୍ର ଦିବସ ଏକସାଙ୍ଗରେ ପାଳନ କରିବୁ। ଏଥର ସାଧାରଣତନ୍ତ୍ର ଦିବସରେ ଭାଷଣ ଦେବା ଲାଗି ଉତ୍କଣ୍ଠାର ସହ ଅପେକ୍ଷା କରିଛି। ପ୍ରଥମେ ସ୍କୁଲରେ ମା' ସରସ୍ୱତୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିବି। ପରେ ସବୁ ଛାତ୍ରୀଛାତ୍ର ମିଶି ପତାକା ଉତ୍ତୋଳନ କରି ଜାତୀୟ ସଂଗୀତ ଗାନ କରିବୁ। ପରେ ପ୍ରଭାତଫେରିରେ ଭାଗନେବୁ। ଜାତୀୟ ପତାକାକୁ ହାତରେ ଧରି ଗଣତନ୍ତ୍ର ଦିବସ ପାଇଁ ସ୍ଲୋଗାନ ଦେବୁ। ବିଦ୍ୟାଳୟରେ ଭୋଜିଭାତରେ ଆୟୋଜନ ହେଉଛି। ଏଥିରେ ସାମିଲ ହୋଇ ଢେର ମଜା ଉଠାଇବି। ଏବର୍ଷ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ ମା'ଙ୍କୁ ଆଶୀର୍ବାଦ ମାଗିବି।

–**ମଞ୍ଜୁତା କ୍ରିଷାନୀ,** କ୍ଲାସ୍–୧୦, ସରକାରୀ ଉଚ୍ଚ ବିଦ୍ୟାଳୟ, ସିନ୍ଧ୍ରିମାଲ, ମାଲକାନଗିରି

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେବି



ବର୍ଷ ସାରା ବିଭିନ୍ନ ପୂଜାପର୍ବାଣି ଲାଗି ରହିଥାଏ। ତେବେ ସ୍କୁଲରେ ପାଳନ ହେଉଥିବା ବିଜିନ୍ନ ପୂଜା ମୋତେ ବେଶ୍ ଆନନ୍ଦ ଦେଇଥାଏ। ଏଥର ସରସ୍ୱତୀପୂଜାରେ ସ୍କୁଲର ଛାତ୍ରୀଛାତ୍ର ମିଶି ମଣ୍ଡପ ସଜାଇବା ସହ ଗଣତନ୍ତ୍ର ଦିବସ ପାଇଁ ଷ୍ଟେଜ୍ ସଜାଇବୁ। ପୂଜାମଣ୍ଡପକୁ ବିଭିନ୍ନ ତୋରଣ, ଫୁଲ, ରଙ୍ଗିନ କାଗଜ ଓ ଆଲୋକମାଳାରେ ସଜାଇବୁ। ସାଧାରଣତନ୍ତ୍ର ଦିବସ ପାଇଁ ମଧ୍ୟ ପଡ଼ିଆରେ ନାରଙ୍ଗୀ, ଧଳା ଓ ସବୁଜ ରଙ୍ଗର ବେଲୁନ୍ ଲଗାଇବା ସହ ଝୋଟି ଆଙ୍କିବୁ। ସାଧାରଣତନ୍ତ୍ର ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥର ମୁଁ ନୃତ୍ୟ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିବି ବୋଲି ଆଶା ରଖିଛି।

–**ଅର୍ଚ୍ଚିତା ମହାପାତ୍ର,** କ୍ଲାସ୍–୯, ଧଳାପଥର କଳାପଥର ବାଳିକା ଉଚ୍ଚ ବିଦ୍ୟାଳୟ, ଧଳାପଥର, କଟକ

## ସ୍କୁଲରେ ଧୁମଧାମରେ ପାଳନ କରିବୁ




ଏହିଦିନ ଆମ ଦେଶରେ ସମ୍ବିଧାନ ପ୍ରଣୟନ ହୋଇଥିଲା। ଏହା ଆମ ଦେଶର ନାଗରିକଙ୍କ ପାଇଁ ଗୌରବର ଦିନ। ଜାନୁୟାରୀ ୨୬ ସକାଳୁ ଜାତୀୟ ପତାକା ତଳେ ଆମେ ସାଙ୍ଗସାଥୀ ଏକତ୍ରିତ ହୋଇ ଦେଶ ପାଇଁ ଜୀବନ ଦେଇଥିବା ମହାପୁରୁଷଙ୍କୁ ସ୍ମରଣ କରିବୁ। ଏହି ଦିବସ ସମସ୍ତଙ୍କ ମନରେ ଦେଶପ୍ରେମ ଭରିଦେଉ ଏହା ହିଁ ମୋର କାମନା। ତେବେ ଏହିଦିନ ସରସ୍ୱତୀପୂଜା ପଡୁଥିବାରୁ ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା କରିବି। ଗୁରୁଜୀ,ଗୁରୁମା ଏବଂ ଛାତ୍ରୀଛାତ୍ର ମିଶି ଦୁଇଟି କାର୍ଯ୍ୟକ୍ରମକୁ ବହୁ ଧୁମଧାମରେ ପାଳନ କରିବୁ। ପ୍ରସାଦ ସେବନକରି ସାଙ୍ଗମାନଙ୍କ ସହ ଅନ୍ୟ ସ୍କୁଲକୁ ବୁଲିବାକୁ ଯିବାକୁ ଯୋଜନା କରିଛି।

– **ରାକେଶ ମିଶ୍ର,** କ୍ଲାସ୍–୬, କୋରୁଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋରୁଆ ଶାସନ, ଭଦ୍ରକ





୧




୨



୩



୪



୫





୬



୭



୮




୯



୧୦



୧୧




୧୨



ସୌରଭ ଅଗ୍ରୱାଲା
କ୍ଲାସ୍-୭,
ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ବାଙ୍କୀ, କଟକ
୧

୨
ପ୍ରିୟାଂଶୀ ଆଚାର୍ଯ୍ୟ
କ୍ଲାସ୍-୬,
ସତ୍ୟଭାମା ଇଂଲିଶ ମିଡିୟମ ସ୍କୁଲ,
ବଳିଆପଣ୍ଡା, ପୁରୀ





ଆରାଧ୍ୟା ମିଶ୍ର
କ୍ଲାସ୍- ୩,
ସେଣ୍ଟ ଜାଭିୟର୍ସ ହାଇସ୍କୁଲ,
ଖଣ୍ଡଗିରି,
ଭୁବନେଶ୍ୱର
୩

୪
ଶ୍ରୀନିକା ମିଶ୍ର
କ୍ଲାସ୍- ୭,
କେନ୍ଦ୍ରୀୟ ବିଦ୍ୟାଳୟ,
ନୟାଗଡ





ଶ୍ରୀଜିତା ମିଶ୍ର
କ୍ଲାସ୍-୮,
ସେଣ୍ଟ ଜାଭିୟର୍ସ ହାଇସ୍କୁଲ,
ଖଣ୍ଡଗିରି,
ଭୁବନେଶ୍ୱର
୫

୬
ସୁମଗ୍ନା ଦାସ
କ୍ଲାସ୍-୧, କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ,
ଜରିପଡା, କଟକ





ଆଦ୍ୟା ମହାପାତ୍ର
କ୍ଲାସ୍-୫,
ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ,
ଭୁବନେଶ୍ୱର
୭

୮
କିରଣବାଳା ନାଥ
କ୍ଲାସ- ୩, ଖୁଣ୍ଟା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ସୋରୋ,
ବାଲେଶ୍ୱର





ଅକ୍ଷିତ ମହାନ୍ତି
କ୍ଲାସ୍- ୧,
ବୀଣାପାଣି ବିଦ୍ୟା ମନ୍ଦିର, ପୁରୀ
୯

୧୦
ସାତ୍ୱିକ୍ ପଟ୍ଟନାୟକ
କ୍ଲାସ୍-୫, ସତ୍ୟଭାମା ଇଂଲିଶ ମିଡିୟମ ସ୍କୁଲ,
ପୁରୀ





ପ୍ରିୟାଂଶୀ ସାହୁ
କ୍ଲାସ୍- ୬,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
ବ୍ରହ୍ମପୁର
୧୧

୧୨
ସାଇ ଅରୋସ୍ମିତ୍ ବିଶ୍ୱାଳ
କ୍ଲାସ୍- ୫,
ଆର୍ଯ୍ୟଭର୍ଟ ଆକ୍ସିଏଣ୍ଟ ଆକାଡେମୀ. ଖୋର୍ଦ୍ଧା



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# କୁନି ଫୁଟ୍‌ବଲର ଚିନ୍ନୋସୋ

ପିଲାମାନେ, ସାଙ୍ଗମାନଙ୍କ ସହ ଫୁଟବଲ୍ ଖେଳିବାକୁ ଭାରି ମଜା ଲାଗେ। ତେବେ ଫୁଟବଲ୍‌କୁ ମୁଣ୍ଡରେ ଧରି ରଖି ଅନ୍ୟ ଏକ ବଲ୍‌ରେ ଖେଳିପାରିବ? ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ୧୩ ବର୍ଷୀୟ ଚିନୋସୋ ଇସେ ମୁଣ୍ଡରେ ଫୁଟ୍‌ବଲ ରଖି ଏକା ସାଥିରେ ଆଉ ଗୋଟିଏ ବଲ୍‌କୁ ଆଣ୍ଠୁରେ ଖେଳି ଗିନିଜ୍ ରେକର୍ଡ କରିଛନ୍ତି। ନାଇଜେରିଆର ଏହି କୁନି ଫୁଟ୍‌ବଲର ୩ଟି ରେକର୍ଡ କରିଛନ୍ତି। ୭ମିନିଟ୍ ୪୬ ସେକେଣ୍ଡରେ ୧୦୦୦ଥର ମୁଣ୍ଡରେ ବଲ୍ ଖେଳି ରେକର୍ଡ, ୨ମିନିଟ୍ ୩୩ ସେକେଣ୍ଡ ଯାଏ ଶୋଇ ରହି ମୁଣ୍ଡରେ ଫୁଟବଲ୍ ଖେଳି ରେକର୍ଡ, ଏଥିସହ ୧ମିନିଟ୍ ୯୭ ସେକେଣ୍ଡ ଯାଏ ବସିରହି ଗୋଡ଼ ଦ୍ୱାରା ଫୁଟ୍‌ବଲ ଖେଳି ରେକର୍ଡ କରିଛନ୍ତି। ଫୁଟବଲ୍ ଖେଳିବା ସମୟରେ ସେ ମୁଣ୍ଡରେ ମଧ୍ୟ ଏକ ବଲ୍ ରଖିଥାନ୍ତି, ଯାହା ଖେଳିବା ସମୟରେ ତଳେ ପଡିବାକୁ ଦିଅନ୍ତି ନାହିଁ। ସେ ଅନ୍ତର୍ଜାତୀୟ ସ୍ତରରେ ଫିଫା ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଚିନୋସୋ କହିଛନ୍ତ, ଆତ୍ମବିଶ୍ୱାସ ଦ୍ୱାରା ସବୁ ସମ୍ଭବ ହୋଇଥାଏ। ଏହି ରେକର୍ଡର ଅଧିକାରୀ ହୋଇ ଖୁସି ଲାଗୁଛି। ପରିବାରର ପ୍ରେରଣା ଲାଗି ଏହି ସଫଳତା ହାସଲ କରିଛି।

## ଏଥରର




- ଭାରତର ଜାତୀୟ ପତାକାକୁ କିଏ ଆଙ୍କିଥିଲେ ?
- ପ୍ରଥମ ସାଧାରଣତନ୍ତ୍ର ଦିବସରେ ଆମ ଦେଶର ରାଷ୍ଟ୍ରପତି କିଏ ଥିଲେ ?
- ବିଟିଂ ରିଟ୍ରିଟ୍ ସମାରୋହ କେଉଁଠି ଅନୁଷ୍ଠିତ ହୁଏ ?
- ସାଧାରଣତନ୍ତ୍ର ଦିବସର ପରେଡ ଦିଲ୍ଲୀର କେଉଁ ସ୍ଥାନରୁ ଆରମ୍ଭ ହୋଇଥାଏ ?
- ଜାତୀୟ ସାହସିକତା ପୁରସ୍କାର କେଉଁଦିନ ପ୍ରଦାନ କରାଯାଏ ?

## ଗତଥରର

- ମୋନାକୋ
- ସେୟମୋର କ୍ରେ
- ବେଞ୍ଜାମିନ୍ ଫ୍ରାଙ୍କଲିନ୍
- ଆଫ୍ରିକା
- ବେସ୍‌ବଲ୍








### ଛବିଶ ଜାନୁୟାରୀ

ଖଣି ଗନ୍ତାଘର ଶସ୍ୟର ଭଣ୍ଡାର
ଆମ ଏ ଭାରତ ଦେଶ
ସବୁ ଧର୍ମ ଲୋକ ରୁହନ୍ତି ତା’ କୋଳେ
ମୁହଁରେ ଫୁଟାଇ ହସ।
କେତେ ବୀରପୁତ୍ର ସେଇ ମାଆ ପାଇଁ
ଦେଇଛନ୍ତି ବଳିଦାନ
ସେଥିଲାଗି ଆଜି ସ୍ୱାଧୀନ ଭାରତ
କରେ ତାଙ୍କ ଗୁଣଗାନ।
ଜାନୁୟାରୀ ମାସ ଛବିଶ ତାରିଖ
ସ୍ୱରାଜ ଦିବସେ ଜଣା
ନିଜ ସମ୍ବିଧାନ ନିଜେ ଗଢ଼ି ହେଲୁ
ଗଣତନ୍ତ୍ର ରାଷ୍ଟ୍ରେ ଗଣା।
ଗଣତନ୍ତ୍ର ଦେଶେ ଆମର ଦାୟିତ୍ୱ
ମନେ ରଖୁଥିବା ସଦା
ଦେଶର ସ୍ୱପ୍ନକୁ ସାକାର କରିବା
ଆସୁ ଯେତେ ଅସୁବିଧା।
ଆସ ଭାଇମାନେ ଏକତା ମନ୍ତ୍ରରେ
ଦେବା ଆମ ପରିଚୟ
ଦେଶ ହିତ ପାଇଁ ଗର୍ବରେ ଗାଇବା
ଭାରତ ମାତା କି ଜୟ।

– ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬

### ଆସ ମା’ ଅବତରି

ଧବଳ ଧରଣୀ ଚାରୁ ଚିତ୍ରପଟେ
ଧରି ବୀଣାର ମୂର୍ଚ୍ଛନା
ଅବତରୀ ଆସ ଏ ଧରା ଧାମକୁ
ହୋଇ ଶ୍ୱେତ ପଦ୍ମାସନା
ଶିଶିର ଆକାଶେ ହସୁଅଛି ଜହ୍ନ
ନାଚୁଛନ୍ତି ଦେବଗଣ
ଓହ୍ଲାଇବେ ମା’ ବସୁଧା ବକ୍ଷରେ
ବାଣ୍ଟିବାକୁ ବିଦ୍ୟାଧନ।
ହଂସବାହିନୀ ମା’ ପୁସ୍ତକ ଧାରିଣୀ
ତବାଶିଷେ  କାଳିଦାସ
ମହାକବି ଭାବେ ଅର୍ଜିଗଲେ ଖ୍ୟାତି
ରଚି କାବ୍ୟ ଉପନ୍ୟାସ।
ଶୁକ୍ଳବସ୍ତ୍ର ପିନ୍ଧି ଶୁକ୍ଳପଦ୍ମ ପରେ
ବିରାଜି ଆନନ୍ଦ ଚିତ୍ତେ
ଅଜ୍ଞାନ ତିମିର କରିବାକୁ ଦୂର
ଉଭା ହୋଇଛ ମରତେ।

– ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼,
ମୋ: ୯୪୩୭୬୪୨୯୪୭



### ସବୁଠୁ ସୁନ୍ଦର ଆମ ତ୍ରିରଙ୍ଗା

ସବୁଠୁ ସୁନ୍ଦର ଆମ ତ୍ରିରଙ୍ଗା
ଯେଉଁ ଦେଶେ ବହେ ଯମୁନା ଗଙ୍ଗା
ଯେତେ ଦେଶ ଅଛି ଏହି ମହୀରେ
ମୋ ଦେଶଠୁ ବଡ଼ ନାହିଁ କାହିଁରେ
ସୁନ୍ଦର ଆମର ଜାତୀୟ ଗାନ
ସର୍ବଦା ରଖିବ ତା’ର ସମ୍ମାନ
ଯେତେ ରାଷ୍ଟ୍ରର ରାଷ୍ଟ୍ରୀୟ ଗାନ
କେହି ହେବେ ନାହିଁ ଆମ ସମାନ
ଧର୍ମ ନିରପେକ୍ଷ ରାଷ୍ଟ୍ର ଆମର
ବାଣ୍ଟୁ ଆମେ ବାର୍ତ୍ତା ଭାଇଚାରାର
ହିନ୍ଦୁ ମୁସଲିମ ଶିଖ ଇସାଇ
ଏମିତିଆ ଦେଶ ଜଗତେ ନାହିଁ
ଶିରେ ହିମାଳୟ ପାଦରେ ଗଙ୍ଗା
ସବୁଠୁ ସୁନ୍ଦର ଆମ ତ୍ରିରଙ୍ଗା।

–ଚୈତନ୍ୟ ଚରଣ ସାହୁ
କୁସୁପୁର, କଟକ
ମୋ:୯୪୩୭୦୧୮୨୬୫୨

### ନମସ୍ୟ ହେ !

ଧନ୍ୟ ହେ ! ଆମ ସମ୍ବିଧାନ ପ୍ରଣେତା,
ଥିଲ ତୁମେ ଆମ ମହାନ୍ ନେତା।
ଭୀମାବାଈ ରାମୋଜୀଙ୍କ ସନ୍ତାନ ଥିଲ,
ଦଳିତ ହେତୁ ନିର୍ଯାତନା ପାଇଥିଲ।
ଭୀମରାଓ ଆମ୍ବେଡକର ନାମ ବହିଲ,
ବଡ଼ ହୋଇ ଲଣ୍ଡନରେ ପାଠ ପଢ଼ିଲ।
ଅଧ୍ୟାପକ ହୋଇ ହେଲ ପ୍ରଶଂସିତ,
ଓକିଲ ହୋଇ ସେବା କଲ ଦଳିତଙ୍କ।
ସମାଜ ପାଇଁ ରାଜନୀତି କରିଲ,
ଆଇନ ମନ୍ତ୍ରୀ ହୋଇ ସଂସ୍କାର ଆଣିଲ।
ସମ୍ବିଧାନ ପ୍ରଣୟନର ମଙ୍ଗ ଧରିଲ,
ସାର୍ବଭୌମ ଗଣତନ୍ତ୍ରର ମାନ ରଖିଲ।
ସାଧାରଣତନ୍ତ୍ର ଦିବସେ ମନେ ପକାଓ
ହର୍ଷ ଉଲ୍ଲାସରେ ତ୍ରିରଙ୍ଗା ଉଡ଼ାଓ।

–ବିନୋଦ ଚନ୍ଦ୍ର ଜେନା,
ପାରଳାଖେମୁଣ୍ଡି,ଗଜପତି
ମୋ: ୯୪୩୮୦୭୪୪୬୪

## କହିଲ ଦେଖି

ଚଉସ୍ତରୀତମ ସ୍ୱରାଜ ଦିବସ
ସମ୍ବିଧାନ ଲାଗୁ ହେଲା,
ଦେଶ ମା’ ଟେକ ରଖିବା ପାଇଁକି
(ପୁଅ) ପତାକା ଉଡ଼େଇ ଦେଲା,
ଏ କେଉଁ ଦିବସ କୁହ
ଦେଶ ପ୍ରେମିଟିଏ ହୁଅ।



**ଉ– ସାଧାରଣତନ୍ତ୍ର ଦିବସ**

ତିନୋଟି ରଙ୍ଗର ପ୍ରତୀକ ଏହା
ଜାତୀୟ ଦିବସେ ଉଡ଼ଇ ଯାହା
ଆମ ଦେଶ ଗଉରବ,
ଫରଫର ହୋଇ ଆକାଶରେ ଉଡ଼େ
ଯଶ, ଟେକ, ସଉରଭ।
କହିଦିଅ ଏହା ନାମ,
ଉଡ଼ଇ ଭାରତ ଧାମ।




**ଉ– ଜାତୀୟ ପତାକା**

ଶ୍ୱେତବସ୍ତ୍ର ଶ୍ୱେତ ପଦ୍ମରେ ବିଜେ
ବିଦ୍ୟାଦାତ୍ରୀ ମାଆ ଭାରତୀ ନିଜେ,
ମାଘ ଶ୍ରୀପଞ୍ଚମୀ ପୂଜାର ତିଥି
ପୂଜା କରିଥିବା ଆସହେ ସାଥୀ।
ବାହନ ବି ଶ୍ୱେତ ହଂସ,
ଅଜ୍ଞାନ ହଟାଇ ମାଆଙ୍କୁ ମାଗିବା
ଜ୍ଞାନ ଧନ, ଟେକ ଯଶ।
କେଉଁ ଦେବୀ ପୂଜା କୁହ,
ପୁଷ୍ପାଞ୍ଜଳି ତୁମେ ଦିଅ।



**ଉ– ସରସ୍ୱତୀ ପୂଜା**

ବିଦ୍ୟାଦାତ୍ରୀଙ୍କର ବାହନ ଇଏ,
ଜଳ କ୍ଷୀର ଭିନ୍ନ କରଇ ଯିଏ
ପକ୍ଷୀ ହୋଇ ପୂଜା ପାଏ
ସ୍ୱଚ୍ଛ, ସୁନ୍ଦର, ସରଳ ବିହଙ୍ଗ
କହିଦିଅ ଇଏ କିଏ ?



**ଉ– ହଂସ**

– କବିଜ୍ୟୋତି ନିରଞ୍ଜନ ପତି
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯

# ନମ୍ବର ପ୍ଲେଟ୍



**ଆମ ଦେଶରେ ବହୁ ଗାଡ଼ି ରାସ୍ତାରେ ଚାଲୁଛି। ଏସବୁ ଭିତରେ କେତେକ ଗାଡ଼ି ରହିଛି, ଯେଉଁଥିରେ ଅଲଗା ଅଲଗା ରଙ୍ଗର ନମ୍ବର ପ୍ଲେଟ୍ ଦେଖିବାକୁ ମିଳିଥାଏ। କିନ୍ତୁ କ'ଣ ପାଇଁ ଗାଡ଼ିର ନମ୍ବର ପ୍ଲେଟ୍ ସବୁ ଅଲଗା ହୋଇଥାଏ! ଜାଣନ୍ତୁ ଏ ସମ୍ପର୍କରେ....**

- **ଧଳା ନମ୍ବର ପ୍ଲେଟ୍**

ସାଧାରଣତଃ ପ୍ରାଇଭେଟ୍ ଗାଡ଼ି ପାଇଁ ପରିବହନ ବିଭାଗ ତରଫରୁ ଧଳା ରଙ୍ଗର ନମ୍ବର ପ୍ଲେଟ୍ ମିଳିଥାଏ। ଏଥିରେ ଧଳା ପ୍ଲେଟ୍ ଉପରେ କଳାରଙ୍ଗରେ ନମ୍ବର ଲେଖା ଯାଇଥାଏ। ଏମିତି ନମ୍ବର ପ୍ଲେଟ୍ କେବଳ ପର୍ସନାଲ କାର୍, ବାଇକ୍ କିମ୍ବା ସ୍କୁଟର ପାଇଁ ଜାରି ହୋଇଥାଏ।

- **ହଳଦିଆ ନମ୍ବର ପ୍ଲେଟ୍**

ହଳଦିଆ ରଙ୍ଗ ଥିବା ଅଧିକାଂଶ ନମ୍ବର ପ୍ଲେଟ୍ ଗାଡ଼ି ରାସ୍ତାରେ ଦେଖିବାକୁ ମିଳେ। ଏହି ରଙ୍ଗର ନମ୍ବର ପ୍ଲେଟ୍ ଥିବା ଗାଡ଼ି ସାଧାରଣତଃ ଅଟୋ, ଟ୍ୟାକ୍ସି, ଟ୍ରକ୍ ଓ ବସ୍ ଆଦିରେ ଲାଗିଥାଏ। ଏହି ନମ୍ବର ପ୍ଲେଟ ଲାଗିଥିବା ଯାନକୁ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଇଥାଏ।

- **କଳା ନମ୍ବର ପ୍ଲେଟ୍**

କଳା ରଙ୍ଗର ପ୍ଲେଟ୍‌ଥିବା ଗାଡ଼ି ପ୍ରାୟ କମ୍ ଦେଖିବାକୁ ମିଳେ। ଏଭଳି ନମ୍ବର ପ୍ଲେଟ୍ ଥିବା ବାହାନକୁ କମର୍ସିଆଲ୍ ଡ୍ରାଇଭିଂ ପାଇଁ ଲାଇସେନ୍ସର ଆବଶ୍ୟକତା ନ ଥାଏ। ଏହି ନମ୍ବର ପ୍ଲେଟ୍ ଥିବା ଗାଡି ଅଧିକାଂଶ କମର୍ସିଆଲ୍ ଲକ୍ଜୁରି ହୋଟେଲ ଟ୍ରାନ୍ସପୋର୍ଟ ଲାଗି ବ୍ୟବହାର କରାଯାଇଥାଏ। ଏଥିରେ କଳା ପ୍ଲେଟରେ ହଳଦିଆ ରଙ୍ଗର ନମ୍ବର ଲେଖା ହୋଇଥାଏ।

- **ସବୁଜ ନମ୍ବର ପ୍ଲେଟ**

ସବୁଜ ରଙ୍ଗ ପ୍ଲେଟ୍ ଲାଗିଥିବା ଗାଡ଼ି ସାଧାରଣତଃ ଇଲେକ୍ଟ୍ରିକ ଯାନ ପାଇଁ ବ୍ୟବହାର କରାଯାଇଥାଏ। ଦେଶରେ ରେଜିଷ୍ଟର୍ଡ ଥିବା ଇଲେକ୍ଟ୍ରିକ୍ ଗାଡ଼ିଗୁଡ଼ିକରେ ଏହି ନମ୍ବର ପ୍ଲେଟ୍ ଲାଗିଥାଏ। ଏହିସବୁ ଗାଡ଼ି ମଧ୍ୟରେ ପ୍ରାଇଭେଟ୍ ଗାଡ଼ିର ବ୍ୟାକ୍‌ଗ୍ରାଉଣ୍ଡ ଗ୍ରୀନ୍ ହୋଇଥିବାବେଳେ ନମ୍ବର ଧଳାରଙ୍ଗରେ ଓ କମର୍ସିଆଲ ଗାଡିର ବ୍ୟାକ୍‌ଗ୍ରାଉଣ୍ଡ ସବୁଜ ରଙ୍ଗ ଉପରେ ହଳଦିଆ ରଙ୍ଗର ନମ୍ବର ଲେଖାଯାଇଥାଏ।

- **ଲାଲ ନମ୍ବର ପ୍ଲେଟ୍**


ଲାଲ ରଙ୍ଗ ଲାଗିଥିବା ନମ୍ବର ପ୍ଲେଟ୍ ଗାଡ଼ି ସାଧାରଣତଃ ଦେଶର ରାଷ୍ଟ୍ରପତିଙ୍କ ଗାଡ଼ି କିମ୍ବା କୌଣସି ରାଜ୍ୟର ରାଜ୍ୟପାଳଙ୍କ ଗାଡ଼ିରେ ଲାଗିଥିବାର ଦେଖିବାକୁ ମିଳେ। ଲାଲରଙ୍ଗ ପ୍ଲେଟ୍‌ରେ ସୁନେଲି ରଙ୍ଗର ଅକ୍ଷରରେ ନମ୍ବର ଲେଖାଯାଇଥାଏ। ଏହି ଗାଡ଼ିରେ ମଧ୍ୟ ଅଶୋକ ସ୍ତମ୍ଭର ଚିହ୍ନ ଦେଖିବାକୁ ମିଳେ।

- **ବ୍ଲୁ ନମ୍ବର ପ୍ଲେଟ**

ବ୍ଲୁ ରଙ୍ଗ ଲାଗିଥିବା ନମ୍ବର ପ୍ଲେଟ ସୂଚିତ କରେ ଯେ ଏହା କୌଣସି ବିଦେଶୀ ଦୂତାବାସ (Foreign embassy) କିମ୍ବା ସଂଯୁକ୍ତ ରାଷ୍ଟ୍ର ମିଶନ (UN Mission )ସହ ସଂଶ୍ଳିଷ୍ଟ। ବ୍ଲୁ ପ୍ଲେଟ୍ ଉପରେ ଧଳା ରଙ୍ଗର ନମ୍ବର ଲେଖାଯାଇଥାଏ। ଦିଲ୍ଲୀ ଭଳି ସହରରେ ଖୁବ୍ ସହଜରେ ଏହି ନମ୍ବରପ୍ଲେଟଥିବା ଗାଡି ଦେଖିବାକୁ ମିଳିଯିବ।

- **ତୀର ଚିହ୍ନିତ ନମ୍ବର ପ୍ଲେଟ୍**

ପ୍ରତିରକ୍ଷା (ଡିଫେନ୍ସ) ମନ୍ତ୍ରାଳୟ ସହ ଜଡିତ ଥିବା ଗାଡ଼ିଗୁଡ଼ିକରେ ତୀର ଚିହ୍ନ ଥିବା ନମ୍ବର ପ୍ଲେଟ ଦେଖିବାକୁ ମିଳେ। ଏସବୁ ଗାଡିରେ ନମ୍ବର ପୂର୍ବରୁ ତୀରମାର୍କ ରହିଥାଏ। ଉପରୋକ୍ତ ଗାଡ଼ିଗୁଡ଼ିକର ନମ୍ବର ୧୧ ଅଙ୍କ ବିଶିଷ୍ଟ ହୋଇଥାଏ। ଏହି ତୀର ଚିହ୍ନକୁ ବ୍ରଡ ଆରୋ ବୋଲି ମଧ୍ୟ କୁହାଯାଏ।






**ଆରମ୍ଭ ହୋଇସାରିଛି ପୁରୁଷ ହକି ବିଶ୍ୱକପ୍। ହକି ପାଇଁ ସମସ୍ତଙ୍କଠାରେ ଉତ୍ସାହ ଏବେ ନୁହେଁ, ବହୁ ପୂର୍ବରୁ ରହି ଆସିଛି। ତେବେ ବହୁ ଆଗରୁ ହକି ପାଇଁ ଭାରତ ପରିଚିତ। ହକିରେ ଭାରତ ୮ ଥର ସ୍ୱର୍ଣ୍ଣ ପଦକ ପାଇଛି। ତେବେ ଜାଣନ୍ତୁ, ହକି କେଉଁଠି ଆରମ୍ଭ ହୋଇଥିଲା ଏବଂ ଭାରତରେ ହକିର ସୁବର୍ଣ୍ଣ ଯୁଗ ସମ୍ପର୍କରେ...**





# ହକିର ସୁବର୍ଣ୍ଣ ଯୁଗ



୪୦୦୦ ବର୍ଷ ପୂର୍ବରୁ ଇଜିପ୍ଟରେ ହକିର ଆରମ୍ଭ ହୋଇଥିଲା। ଏଥିସହ ଇଥିଓପିଆରେ ୧୦୦୦ ଖ୍ରୀଷ୍ଟାବ୍ଦ ଏବଂ ଇରାନ୍‌ରେ ୨୦୦୦ ଖ୍ରୀଷ୍ଟାବ୍ଦ ସମୟରେ ହକି ଖେଳାଯାଉଥିଲା। ତେବେ ପ୍ରାଚୀନ ଗ୍ରୀସ୍‌ରେ ଖେଳାଯାଉଥିବା ହକି କେରେଟିଜିଏନ ନାମରେ ପରିଚିତ ଥିଲା। କିନ୍ତୁ ୧୦୦୦ ବର୍ଷ ପୂର୍ବରୁ ଚାଇନାର ମଙ୍ଗୋଲିଆ ଅଧିବାସୀମାନେ ଆଧୁନିକ ଭାବରେ ହକି ଖେଳିବା ଆରମ୍ଭ କରିଥିଲେ ବୋଲି କୁହାଯାଏ। ସେମାନେ ହକିକୁ ବଇକୋ ଟର୍କବେଇ ବୋଲି କହୁଥିଲେ। ଇରାନ୍, ଇଜିପ୍ଟ ଏବଂ ଇଥିଓପିଆରେ ହକି ସେତେବେଳେ ଏକ ଡିସ୍ (ପକ୍) ସାହାଯ୍ୟରେ ଖେଳାଯାଉଥିଲା, ଯାହାକି ବର୍ତ୍ତମାନର ଆଇସ୍ ହକି ପରି ଖେଳ ଥିଲା। ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଇଂଲଣ୍ଡରେ ଆଧୁନିକ ହକି ଖେଳ ଆରମ୍ଭ ହୋଇଥିଲା। ୧୮୭୬ ମସିହାରେ ଇଂଲଣ୍ଡରେ ପ୍ରଥମେ ହକି ଆସୋସିଏଶନ ଗଠିତ ହୋଇଥିଲା। କାନାଡାର କ୍ୟାପଟେନ୍ ଜେମସ୍ ସୁଥରଲ୍ୟାଣ୍ଡଙ୍କୁ ହକିର ଜନକ ବୋଲି କୁହାଯାଏ। ହକି ବ୍ରିଟିଶମାନଙ୍କ ଦ୍ୱାରା ଭାରତକୁ ଆସିଥିଲା। ବ୍ରିଟିଶମାନଙ୍କ ଦ୍ୱାରା ଭାରତରେ ପ୍ରଥମେ ହକି କ୍ଲବ୍ କୋଲକାତା, ମୁମ୍ବାଇ ଏବଂ ପଞ୍ଜାବରେ ସ୍ଥାପନ କରାଯାଇଥିଲା। ପରେ ଏହା ଭାରତୀୟମାନଙ୍କ ପ୍ରିୟ ଖେଳ ଭାବେ ପ୍ରସିଦ୍ଧି ଲାଭ କଲା। ତେବେ ଭାରତରେ ହକିର ଯାଦୁକର ଭାବେ ଧ୍ୟାନଚାନ୍ଦ ବେଶ୍ ଜଣାଶୁଣା। ଧ୍ୟାନଚାନ୍ଦ ଏବଂ ତାଙ୍କ ଭାଇ ରୂପ୍ ସିଂ ବ୍ରିଟିଶ ଇଣ୍ଡିଆ ଆର୍ମିରେ ଯୋଗ ଦେବା ପରେ ହକି ଖେଳିବା ଆରମ୍ଭ କରିଥିଲେ। ୧୬ବର୍ଷ ବୟସରୁ ଧ୍ୟାନଚାନ୍ଦ ଆର୍ମି ହକି ଟୁର୍ନାମେଣ୍ଟ ଏବଂ ରେଜିମେଣ୍ଟାଲ୍ ଗେମ୍ ଖେଳିବା ଆରମ୍ଭ କରିଥିଲେ। ପରେ ସେ ଭାରତୀୟ ସେନା ଦଳ ପାଇଁ ମନୋନୀତ ହୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ୨ଟି ଟେଷ୍ଟ ମ୍ୟାଚ୍‌ରୁ ପ୍ରଥମ ମ୍ୟାଚ୍‌ରେ ଦଳ ଜିତିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଦଳ ପରାଜିତ ହୋଇଥିଲା। ୧୯୩୬ ମସିହା ସମର୍ ଅଲିମ୍ପିକରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ଧ୍ୟାନଚାନ୍ଦଙ୍କ ନେତୃତ୍ୱାଧୀନ ଦଳ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱୀ ଜର୍ମାନୀକୁ ୮-୧ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚ୍‌ରେ ୮ଟି ଗୋଲ୍ ଭିତରୁ ଧ୍ୟାନଚାନ୍ଦ ୩ଟି ସ୍କୋର କରିଥିଲେ। ଉକ୍ତ ମ୍ୟାଚ୍‌ରେ ଖୁସି ହୋଇ ସେତେବେଳର ଜର୍ମାନୀ ଶାସକ ଆଡଲଫ୍ ହିଟଲର୍ ଧ୍ୟାନଚାନ୍ଦଙ୍କୁ ଜର୍ମାନୀରେ ନାଗରିକତ୍ୱ ଏବଂ ଜର୍ମାନୀ ସେନାରେ କର୍ନେଲ ପଦ ଯାଚିଥିଲେ। ଏଥିସହ ତାଙ୍କ ଦଳ ପକ୍ଷରୁ ଖେଳିବା ପାଇଁ ମଧ୍ୟ କହିଥିଲେ। କିନ୍ତୁ ଧ୍ୟାନଚାନ୍ଦ ଏହି ପ୍ରସ୍ତାବରେ ନାସ୍ତିବାଣୀ ଶୁଣାଇ କହିଥିଲେ 'ଇଣ୍ଡିଆ ଇଜ୍ ନଟ୍ ଫର୍ ସେଲ୍'। କୁହାଯାଏ କି 'ହକିର ଯାଦୁଗର' ଟାଇଟଲ୍ ଧ୍ୟାନଚାନ୍ଦଙ୍କୁ ଆଡଲଫ୍ ହିଟଲର୍‌ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ୧୯୪୮ ମସିହା ଅଲିମ୍ପିକ ମ୍ୟାଚ୍‌ରେ ଭାରତୀୟ ଦଳ ବ୍ରିଟିଶ ଦଳକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ଦେଶ ବ୍ରିଟିଶମାନଙ୍କଠାରୁ ସ୍ୱାଧୀନ ହେବା ପରେ ଏହା ପ୍ରଥମ ଅଲିମ୍ପିକ ମ୍ୟାଚ୍ ଥିଲା, ଯେଉଁଥିରେ ଭାରତ ବିଜୟୀ ହୋଇଥିଲା। ଏହି ଦଳର ନେତୃତ୍ୱ ନେଇଥିଲେ ବଲବୀର ସିଂ। ୧୯୭୫ ହକି ୱାର୍ଲ୍ଡ କପ୍‌ରେ ଭାରତ ବିଜୟୀ ହୋଇଥିଲା। ଅଜିତ ପାଲ୍‌ସିଂ ନେତୃତ୍ୱାଧୀନ ଦଳ ଫାଇନାଲରେ ପାକିସ୍ତାନକୁ ୨-୧ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ୧୯୮୦ରେ ମସ୍କୋରେ ହୋଇଥିବା ଅଲିମ୍ପିକରେ ଭାରତୀୟ ମହିଳା ହକି ଦଳ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଅଲିମ୍ପିକରେ ଭାରତୀୟ ହକି ଦଳ ୮ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି। ୧୯୨୮ରୁ ୧୯୮୦ ପର୍ଯ୍ୟନ୍ତ ସମୟକୁ ଭାରତୀୟ ହକି ଦଳ ପାଇଁ ସୁବର୍ଣ୍ଣ ଯୁଗ କୁହାଯାଏ।





ପ୍ରିୟାଂଶ ପଟେଲ
୮ବର୍ଷ, ସୁନ୍ଦରଗଡ଼



ସୁଲଗ୍ନା ତ୍ରିପାଠୀ
୧୦ ବର୍ଷ, ବଲାଙ୍ଗୀର

ଆ
ଇ
ନା